# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚାନ୍ଦବାଲି

ବିଜ୍ଞାପନ ସଂଖ୍ୟା :- ୧୨୬୨ ତାରିଖ:- ୦୫/୦୫/୨୫

ଆମ ବସଷ୍ଟାଣ୍ଡ ଧାମରାର ବ୍ଲକ ସ୍ତରୀୟ କମିଟିର ସମସ୍ତ ସଦସ୍ୟ/ ସଦସ୍ୟା ମାନଙ୍କ ସମ୍ମତି କ୍ରମେ ଚାନ୍ଦବାଲିରେ ସମସ୍ତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା.୨୧.୦୫.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ପଞ୍ଚାୟତ ସମିତି କାର୍ଯ୍ୟଳୟରେ ଧାମରାର ବସ ଷ୍ଟାଣ୍ଡରେ ନିର୍ମାଣ ହୋଇଥିବା ୧୭ ଗୋଟି ଦୋକାନ ଗୃହ ବ୍ୟବସାୟ ନିମନ୍ତେ ନିମ୍ନଲିଖିତ ସର୍ତ୍ତାବଳି ଅନୁଯାୟୀ ସତର ଜଣ ବ୍ୟକ୍ତିଙ୍କୁ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଅଛି । ୧୭ ଗୋଟି ଦୋକାନ ଗୃହରଂ ଆୟତନ ଓ ସରକାରୀ ଧାର୍ଯ୍ୟ ମୂଲ୍ୟର ସବିଶେଷ ବିବରଣୀ ସଂଲଗ୍ନ କରାଗଲା । ଏଣୁ ଆଗ୍ରହୀ ବ୍ୟକ୍ତି ନିମ୍ନଲିଖିତ ସର୍ତ୍ତାବଳୀ ଅନୁଯାୟୀ ନିଲାମରେ ଭାଗ ନେବା ନିମନ୍ତେ ଅନୁରୋଧ ।

## ସର୍ତ୍ତାବଳୀ

୧. ଜଣେ ବ୍ୟକ୍ତିଙ୍କୁ ଗୋଟିଏ ଦୋକାନ ଗୃହ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଅଛି । ପ୍ରତି ଦୋକାନ ଗୃହରୁ ଅଲଗା ଭାବେ ୫ ବର୍ଷ ନିମନ୍ତେ ନିଲାମ କରାଯିବ । ସର୍ବନିମ୍ନ ନିଲାମ ଆହ୍ୱାନ ମୂଲ୍ୟ ଟ.୧୫୦୦/- ରହିବ । ପ୍ରତି ବର୍ଷ ନିଲାମ ରାଶିର ୧୦% ହାରରେ ବୃଦ୍ଧି କରାଯିବ ।

୨. ନିଲାମରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଅମାନତ ରାଶି ସର୍ବନିମ୍ନ ଟ.୫୦୦୦/- (ପାଂଚ ହଜାର ଟଙ୍କା) ମାତ୍ର ପ୍ରତି ଦୋକାନଗୃହ ପିଛା ପଞ୍ଚାୟତ ସମିତିର କୋଷାଧକ୍ଷଙ୍କ ନିକଟରେ ଜମା କରିବେ ଯାହାକି ଗୋଟିଏ ମାତ୍ର ଦୋକାନ ଗୃହ ନିମନ୍ତେ ପ୍ରଯୁଜ୍ୟ ଅଟେ । ଯଦି କୌଣସି ବ୍ୟକ୍ତି ଗୋଟିଏ ରୁ ଅଧିକ ଗୃହ ନିମନ୍ତେ ପ୍ରକାଶ୍ୟ ନିଲାମରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଥାନ୍ତି ତେବେ ତାଙ୍କୁ ସେହି କ୍ରମରେ ଅଧିକ ଟ.୫୦୦୦/- ପୈଠ କରି ତାର ରସିଦ କୋଷାଧକ୍ଷଙ୍କ ଠାରୁ ସଂଗ୍ରହ କରିବେ। ହାରିଲେ ମଧ୍ଯ ନିର୍ଦ୍ଧାରିତ ଗୃହ ବ୍ୟତିତ ଅନ୍ୟ ଗୃହ ନିମନ୍ତେ ନିଲାମ ଡାକି ପାରିବେ ନାହିଁ ।

୩. ନିଲାମରେ ଅଂଶଗ୍ରହଣ କରି ସର୍ବୋଚ୍ଚ ମୂଲ୍ୟ ଡ଼ାକିଥିବା ବ୍ୟକ୍ତିଙ୍କ ଡାକ ଗ୍ରହଣ କରାଯିବ, ଅନ୍ୟମାନଙ୍କ ଅମାନତ ରାଶି ଫେରସ୍ତ କରାଯିବ । ନିଲାମ ଗ୍ରହୀତା ନିଲାମ ରାଶି ଦାଖଲ ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହିତ ଏକ ଚୁକ୍ତିପତ୍ର ସ୍ୱାକ୍ଷର କରାଇବେ।

୪. ନିଲାମ ଗ୍ରହଣ କରିଥିବା ବ୍ୟକ୍ତି ନିଜର ବିଦ୍ୟୁତ ବିଲ୍ ପୈଠ କରିବେ ।

୫. ନିଲାମ ଗ୍ରହଣ କରିଥିବା ବ୍ୟକ୍ତି ୬ ମାସର ଭଡ଼ା ଅଗ୍ରୀମ ଭାବେ ପୈଠ କରିବେ ଏବଂ ପ୍ରତି ମାସରେ ୫ତାରିଖ ସୁଦ୍ଧା ଆମ ବସଷ୍ଟାଣ୍ଡ ବ୍ୟାଙ୍କ ଖାତାରେ ଜମା କରି ତାହାର ନକଲ ପଂଚାୟତ ସମିତି/ଆମ ବସଷ୍ଟାଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ । ଯଦି ନିଲାମ ଗ୍ରହଣ କରିଥିବା ବ୍ୟକ୍ତି ବର୍ଷ ମଧ୍ୟରେ ନିଜ ଇଚ୍ଛାରେ ଦୋକାନ ଗୃହ ପରିତ୍ୟାଗ କରନ୍ତି ତେବେ ତାହା ଅନ୍ୟୁନ୍ୟ ୩ମାସ ପୂର୍ବରୁ ସମ୍ପୃକ୍ତ ଅଧିକାରୀଙ୍କ ଗୋଚରାର୍ଥେ ଦରଖାସ୍ତ ଦାଖଲ କରିବେ ଓ ଉକ୍ତ ଗୃହର ପରବର୍ତୀ ପର୍ଯ୍ୟାୟରେ ପ୍ରକାଶ୍ୟ ନିଲାମ ଆହ୍ୱାନ କରାଯିବ ।

୬. ନିଲାମ ଗ୍ରହଣ କରିଥିବା ବ୍ୟକ୍ତି କୌଣସି ପ୍ରକାର ଅନାଧିକୃତ/ଆଇନ ଅମାନ୍ୟ ଦ୍ରବ୍ୟ ବିକ୍ରୟ କରିପାରିବେ ନାହିଁ ।

୭. ନିଲାମ ଗ୍ରହୀତା ଦୋକାନ ଗୃହର ଉପଯୁକ୍ତ ରକ୍ଷଣା ବେକ୍ଷଣ ନିମନ୍ତେ ଆଇନତଃ ଦାୟୀ ରହିବେ । ଯଦି ଦୋକାନ ଗୃହର ଉପଯୁକ୍ତ ରକ୍ଷଣାବେକ୍ଷଣ ନ କରନ୍ତି ତେବେ ସମ୍ପୃକ୍ତ ନିଲାମ ଯେକୌଣସି ସମୟରେ ରଦ୍ଦ କରାଯାଇ ପୁନଶ୍ଚ ନିଲାମ କରାଯିବ ।

୮. ଏକାଧିକ ଗୃହର ନିଲାମ ଡାକିବା ନିମନ୍ତେ ପଞ୍ଜିକୃତ ବ୍ୟକ୍ତି ବିଶେଷ ତା. ୨୦. ୦୫.୨୦୨୫ରିଖ ଅପରାହ୍ନ ଘ୫.୩୦ ମି. ପର୍ଯ୍ୟନ୍ତ କୋଷାଧକ୍ଷଙ୍କ ଠାରେ ରସିଦ୍ କାଟି ପାରିବେ ତତ୍ ପରେ କୌଣସି ଅଭିଯୋଗ ଗ୍ରହଣ କରାଯାଇ ପାରିବ ନାହିଁ ।

Block Development Office.
Chandbali

୯. ଆମ ବସଷ୍ଟାଣ୍ଡ ଦୋକାନ ଗୃହର ନିଲାମ ଆସନ୍ତା ତା.୨୧.୦୫.୨୦୨୫ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ବ୍ଲକ ସମ୍ମିଳନୀ କକ୍ଷରେ ଆହ୍ୱାନ କରାଯିବ ।

୧୦. ସମସ୍ତ ପଞ୍ଜିକୃତ ବ୍ୟକ୍ତି ମାନଙ୍କୁ ଏତଦ୍ୱାରା ଅନୁରୋଧ କରାଗଲା ଯେ ସେମାନେ ନିଲାମ କକ୍ଷକୁ ପ୍ରବେଶ କଲା ବେଳେ ନିଲାମ ରସିଦ ଓ ସେମାନଙ୍କର ଆଧାର କାର୍ଡ଼ ସାଙ୍ଗରେ ଆଣିବେ ।

୧୧. ସମସ୍ତ ପଞ୍ଜିକୃତ ବ୍ୟକ୍ତି ମାନଙ୍କୁ ଏତଦ୍ୱାରା ଅନୁରୋଧ କରାଗଲା ଯେ ନିଲାମ କକ୍ଷକୁ ମୋବାଇଲ ଫୋନ ଆଣିବେ ନାହିଁ ବା ଏହାକୁ ଅନୁମତି ପ୍ରଦାନ କରାଯିବ ନାହିଁ ।

୧୨. ଯଦି ପଞ୍ଜିକରଣ କରିଥିବା ବ୍ୟକ୍ତି ନିଲାମରେ ଉପସ୍ଥିତ ନ ରୁହନ୍ତି ତେବେ ତାଙ୍କ ବଦଳରେ ଯଦି କେହି ଭାଗ ନିଅନ୍ତି ତେବେ ପଞ୍ଜିକରଣ କରିଥିବା ବ୍ୟକ୍ତିଙ୍କ ଠାରୁ ଲିଖିତ ଅନୁମତି ଆଣିବେ ।

୧୩. ଯଦି କୌଣସି ବ୍ୟକ୍ତି ନିଲାମ ସ୍ଥଳରେ ବିଶୃଙ୍ଖଳା ସୃଷ୍ଟି କରନ୍ତି ତେବେ ନିଲାମ କମିଟି ସେହି ବ୍ୟକ୍ତିଙ୍କୁ ନିଲାମ କକ୍ଷରୁ ବାହାର କରିଦେଇ ପାରିବେ ଓ ସେହି ବ୍ୟକ୍ତି ନିଲାମରେ ଅଂଶଗ୍ରହଣ କରିପାରିବେ ନାହିଁ ।

ଉପରୋକ୍ତ ସର୍ତାବଳୀକୁ ଅବମାନନା କଲେ ନିମ୍ନ ସ୍ୱାକ୍ଷରକାରୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଚାନ୍ଦବାଲି

ପରିପତ୍ର ସଂଖ୍ୟା:- ୧୨୬୭ /ତାରିଖ:- ୦୪/୦୫/୨୫

ଏହାର ଏକକିତା ନକଲ ଜିଲ୍ଲାପାଳ ଓ ଜିଲ୍ଲା ମ୍ୟାଜିଷ୍ଟ୍ରେଟ, ଭଦ୍ରକଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଚାନ୍ଦବାଲି

ପରିପତ୍ର ସଂଖ୍ୟା:- ୧୨୬୮ /ତାରିଖ:- ୦୪/୦୫/୨୫

ଏହାର ଏକକିତା ନକଲ ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶାଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲାଯେ, ଉପରୋକ୍ତ ବିଜ୍ଞାପନକୁ ଅନ୍ୟୁନ ଦୁଇ ଗୋଟି ଓଡ଼ିଆ ଖବର କାଗଜରେ ଛପାଇବେ ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଚାନ୍ଦବାଲି

ପରିପତ୍ର ସଂଖ୍ୟା:- ୧୨୬୯ /ତାରିଖ:- ୦୪/୦୫/୨୫

ଏହାର ଏକକିତା ନକଲ DeGM, ଭଦ୍ରକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଏହାକୁ https://bhadrak.odisha.gov.in , Portal ରେ upload କରିବାକୁ ଅନୁରୋଧ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଚାନ୍ଦବାଲି

# SHOP ROOM DETILS OF DHAMARA NEW BUS STAND

OUT SIDE BUS STAND

| SL . No | SL No of Room | Size of Room | Size of Varenda | Total Area In Sqft. | Rate (Per Sqft)in RS P | Amount Rs P |
|---|---|---|---|---|---|---|
| 1 | 1 | 14'.9" x 11'.0" | 11'.0"x6'.0" | 228.25 | 50.00 | 11413.00 |
| 2 | 2 | 14'.9" x 11'.0" | 11'.0"x6'.0" | 228.25 | 50.00 | 11413.00 |
| 3 | 3 | 14'.9" x 11'.0" | 11'.0"x6'.0" | 228.25 | 50.00 | 11413.00 |
| 4 | 4 | 14'.9" x 11'.0" | 11'.0"x6'.0" | 228.25 | 50.00 | 11413.00 |
| 5 | 5 | 14'.9" x 11'.0" | 11'.0"x6'.0" | 228.25 | 50.00 | 11413.00 |
| 6 | 6 | 14'.9" x 11'.0" | 11'.0"x6'.0" | 228.25 | 50.00 | 11413.00 |
| 7 | 7 | 14'.9" x 11'.0" | 11'.0"x6'.0" | 228.25 | 50.00 | 11413.00 |
| 8 | 8 | 14'.9" x 11'.0" | 11'.0"x6'.0" | 228.25 | 50.00 | 11413.00 |
| 9 | 9 | 14'.9" x 11'.0" | 11'.0"x6'.0" | 228.25 | 50.00 | 11413.00 |
| 10 | 10 | 14'.9" x 11'.0" | 11'.0"x6'.0" | 228.25 | 50.00 | 11413.00 |
| 11 | 11 | 14'.9" x 11'.0" | 11'.0"x6'.0" | 228.25 | 50.00 | 11413.00 |
| 12 | 12 | 14'.9" x 11'.0" | 11'.0"x6'.0" | 228.25 | 50.00 | 11413.00 |
| 13 | 13 | 14'.9" x 11'.0" | 11'.0"x6'.0" | 228.25 | 50.00 | 11413.00 |
| 14 | 14 | 14'.9" x 11'.0" | 11'.0"x6'.0" | 228.25 | 50.00 | 11413.00 |

INSIDE BUS STAND

| SL . No | SL No of Room | Size of Room | Size of Varenda | Total Area in Sqft. | Rate (Per Sqft)in RS P | Amount Rs P |
|---|---|---|---|---|---|---|
| 1 | 1 | 13'..9" X 11'.6" | 11'.6"X6'.0" | 227.13 | 50.00 | 11356.00 |
| 2 | 2 | 11'.9"X 8'.6" | 11'.9"X6'.0" | 170.38 | 50.00 | 8519.00 |
| 3 | 3 | 11'.0"X 9'.0" | 11'.0"X6'.0" | 165.00 | 50.00 | 8250.00 |

Block Development Office.
Chandbali